# KATAKA MUNICIPAL CORPORATION

Nandi Sahi, Choudhury Bazar, Kataka, Odisha,753001

KMCKataka katakamunicipalcorporation KatakaMunicipalCorporation


Ref No: 3117 Date: 22.07.2026

## ଆଗ୍ରହ ପ୍ରକାଶ (EOI)

### ନାକେଇପଡ଼ିଆ, ୱାର୍ଡ ନଂ-୩୭ ରେ ୨୦ଟି ଭେଣ୍ଡିଂ ଦୋକାନ ବଣ୍ଟନ ପାଇଁ

ପିଏମ ସ୍ୱନିଧି(PMSVANidhi) ଯୋଜନାରେ ୱାର୍ଡ ନଂ-୩୭ ର ପଞ୍ଜୀକୃତ ଯୋଗ୍ୟ ରାସ୍ତାକଡ଼ ଉଠା ଦୋକାନୀ ବ୍ୟବସାୟୀମାନଙ୍କ ଠାରୁ କଟକ ମହାନଗର ନିଗମର ୱାର୍ଡ ନଂ-୩୭ ଅଧୀନ ନାକେଇପଡ଼ିଆରେ ୨୦ଟି ଭେଣ୍ଡିଂ ଦୋକାନ ବଣ୍ଟନ ପାଇଁ ସିଲ୍ ହୋଇଥିବା ଆବେଦନପତ୍ର ଆହ୍ୱାନ କରାଯାଉଛି।

| କ୍ର. ନଂ | ସ୍ଥାନ | ୱାର୍ଡ ନଂ | ଦୋକାନ ସଂଖ୍ୟା | ମାସିକ ଭଡ଼ା | ସିକ୍ୟୁରିଟି ଜମା | ଭଡ଼ା ଚୁକ୍ତି ଅବଧି | EOI ପ୍ରକାଶ ତାରିଖ | EOI ଦାଖଲର ଶେଷ ତାରିଖ | EOI ଖୋଲିବା ତାରିଖ |
|---|---|---|---|---|---|---|---|---|---|
| ୧ | ନାକେଇ ପଡ଼ିଆ | ୩୭ | ୨୦ | ୨୦୦୦/- | ୨୪୦୦୦/- | ୩ ବର୍ଷ | ୨୨/୦୭/୨୬ | ୦୭/୦୮/୨୬ | ୧୧/୦୮/୨୬ |

**୨. ଯୋଗ୍ୟତା ମାନଦଣ୍ଡ**

**ଆବେଦକ ନିମ୍ନଲିଖିତ ସର୍ତ୍ତ ପୂରଣ କରିଥିବା ଆବଶ୍ୟକ:**

- ପିଏମ ସ୍ୱନିଧି ଯୋଜନାର ପଞ୍ଜୀକୃତ ହିତାଧିକାରୀ ହୋଇଥିବେ।
- ଋଣ ପରିଶୋଧରେ ଖରାପ ଇତିହାସ କିମ୍ବା NPA ଖାତା ଥିବା ଉଚିତ ନୁହେଁ।
- ସିଏମସିର କିମ୍ବା ଅନ୍ୟ କୌଣସି ସରକାରୀ ବିଭାଗ ଦ୍ୱାରା ପୂର୍ବରୁ କୌଣସି ଦୋକାନ/ସ୍ଥାନ ବଣ୍ଟନ ହୋଇନଥିବା ଆବଶ୍ୟକ।

## ୩. <u>ଆବଶ୍ୟକ ଦଲିଲପତ୍ର</u>

ଆବେଦକମାନେ ନିମ୍ନଲିଖିତ ସ୍ୱପ୍ରମାଣିତ ଦଲିଲପତ୍ର ଦାଖଲ କରିବେ।

- ଭେଣ୍ଡିଂ ସାର୍ଟିଫିକେଟ୍ / ସୁପାରିସ ପତ୍ର (LoR)
- ଆଧାର କାର୍ଡ
- ବ୍ୟାଙ୍କ ପାସବୁକ୍ / ପିଏମ ଜନ ଧନ ଆକାଉଣ୍ଟ
- ପିଏମ ସ୍ୱନିଧି ଋଣ ବିବରଣୀ
- ଯୋଜନା ସଂଯୋଗୀକରଣ ପ୍ରମାଣପତ୍ର
    1. ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା
    2. ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା
    3. ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା
    4. ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା
    5. ରାସନ କାର୍ଡ
    6. ଅସଂଗଠିତ ଶ୍ରମିକ କାର୍ଡ
- ନୋଟାରୀ ଆଫିଡେଭିଟ୍ - ସିଏମସି କିମ୍ବା ଅନ୍ୟ କୌଣସି ସରକାରୀ ବିଭାଗ ଦ୍ୱାରା ପୂର୍ବରୁ ଦୋକାନ/ସ୍ଥାନ ଆବଣ୍ଟନ ହୋଇନଥିବା ଘୋଷଣାପତ୍ର
- ଖାଦ୍ୟ ଲାଇସେନ୍ସ / ଖାଦ୍ୟ ଲାଇସେନ୍ସ ପାଇଁ ଆବେଦନ ପ୍ରମାଣ

## ୪. <u>ଚୟନ ପ୍ରକ୍ରିୟା</u>

- ମୂଲ୍ୟାୟନ କମିଟି ଦ୍ୱାରା ସଂଲଗ୍ନ-A ଅନୁଯାୟୀ ମୂଲ୍ୟାୟନ ସ୍କୋର ସିଟ୍ ଆଧାରରେ ଚୟନ କରାଯିବ ।

- ପ୍ରାପ୍ତ ନମ୍ବର ଆଧାରରେ ଏକ ମେରିଟ୍ ତାଲିକା ପ୍ରସ୍ତୁତ କରାଯିବ।
- ଉପରୋକ୍ତ ପ୍ରାପ୍ତ ନମ୍ବରରେ ସମାନତା ହେଲେ ଲଟେରୀ ମାଧମରେ ଚୟନ କରାଯିବ।
- ମେରିଟ୍ ତାଲିକାର ଶ୍ରେଷ୍ଠ କୋଡ଼ିଏ (20) ଜଣ ଆବେଦନକାରୀଙ୍କ ପାଇଁ ଦୋକାନ ଆବଣ୍ଟନ ଲଟେରୀ ପ୍ରଣାଳୀରେ କରାଯିବ। କେହି ଯଦି ଅନିଛା ପ୍ରକାଶ କରନ୍ତି ତେବେ ପରବର୍ତ୍ତୀ ହିତାଧିକାରୀଙ୍କୁ ସୁଯୋଗ ଦିଆଯିବ

୫. <u>ନିୟମ ଓ ସର୍ତାବଳୀ</u>

- ଅସମ୍ପୂର୍ଣ୍ଣ ଆବେଦନପତ୍ର ତୁରନ୍ତ ନାକଚ କରାଯିବ।
- ଚୟନ ହୋଇଥିବା ଭେଣ୍ଡରମାନେ 12 ମାସର ଭଡ଼ା ସୁରକ୍ଷା ଜମା ଭାବରେ ଦାଖଲ କରିବେ।
- ଆବଣ୍ଟନର 1 ମାସ ମଧ୍ୟରେ ଦୋକାନକୁ କାର୍ଯ୍ୟକ୍ଷମ କରିବାକୁ ପଡିବ।
- ମାସିକ ଭଡ଼ା ସିଏମସିର ପେମେଣ୍ଟ ଗେଟୱେ ମାଧମରେ ପୈଠ କରିବାକୁ ପଡିବ।
- କ୍ରମାଗତ ତିନି ମାସ ଭଡ଼ା ପୈଠ ନ କଲେ ବିନା ନୋଟିସରେ ଆବଣ୍ଟନ ବାତିଲ କରାଯିବ।
- ଦୋକାନର ଉପ-ଭଡ଼ା ବା ସବଲେଟିଂ କଡ଼ାକଡ଼ି ନିଷେଧ ଓ ସବଲେଟିଂ କଲେ ଆବଣ୍ଟନ ବାତିଲ କରାଯିବ।
- ଭେଣ୍ଡରମାନେ ସ୍ୱଛତା, ପରିଛନ୍ନତା ଓ ଆବର୍ଜନାର ସଠିକ୍ ପରିଚାଳନା ବଜାୟ ରଖିବେ।

୬. <u>ଆବେଦନ ଦାଖଲ</u>

ୱାର୍ଡ ନଂ-୩୭ ର ପଞ୍ଜୀକୃତ ଯୋଗ୍ୟ ଆଗ୍ରହୀ ରାସ୍ତାକଡ଼ ଉଠା ଦୋକାନୀ **ଆୟୁକ୍ତ**,କଟକ ମହାନଗର ନିଗମ,ବିଜୁ ଭବନ ଙ୍କ ନିକଟକୁ ସ୍ପିଡ୍ ପୋଷ୍ଟ / କୁରିଅର / ହାତରେ ନିଜର ଆବେଦନ ଦାଖଲ କରିପାରିବେ। ଲଫାପା

ଉପରେ "ନାକେଇପଡିଆ, ୱାର୍ଡ ନଂ-37 ରେ 20ଟି ଭେଣ୍ଡିଂ ଦୋକାନ ଆବଣ୍ଟନ ପାଇଁ ଆଗ୍ରହ ପ୍ରକାଶ (EOI)" ଲେଖିବେ।

**୭. କ୍ଷମତା / କର୍ତ୍ତୃପକ୍ଷ**

ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

**ଆୟୁକ୍ତ**

**କଟକ ମହାନଗର ନିଗମ**

## ସଂଲଗ୍ନ -A

**ଯୋଗ୍ୟତା: ବିକ୍ରେତାମାନେ PM SVANidhi ଅଧୀନରେ ୱାର୍ଡ ନଂ-୩୭ ର ପଞ୍ଜୀକୃତ ଯୋଗ୍ୟ ରାସ୍ତାକଡ଼ ଉଠା ଦୋକାନୀ ହୋଇଥିବା ଆବଶ୍ୟକ ଏବଂ କୌଣସି ପ୍ରତିକୂଳ କ୍ରେଡିଟ୍ ଇତିହାସ ବା NPA ଖାତା ନଥିବା ଆବଶ୍ୟକ। ଏହା ସହିତ, ଆବେଦନକାରୀଙ୍କୁ ପୂର୍ବରୁ କଟକ ମହାନଗର ନିଗମ ବା ଅନ୍ୟ କୌଣସି ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଦୋକାନ ବା ଭେଣ୍ଡିଂ ସ୍ଥାନ ଆବଣ୍ଟିତ ହୋଇନଥିବା ଆବଶ୍ୟକ।**

**ରାସ୍ତାକଡ଼ ଉଠା ଦୋକାନୀ ବିକ୍ରେତାମାନଙ୍କ ପାଇଁ ଭେଣ୍ଡିଂ ଜୋନ୍ ଦୋକାନ ଆବଣ୍ଟନ ନିମନ୍ତେ ମୂଲ୍ୟାଙ୍କନ କାର୍ଡ**

**ବିକ୍ରେତାଙ୍କ ନାମ__________** **ଯୋଗାଯୋଗ ନମ୍ବର__________**

| କ୍ରମିକ ସଂଖ୍ୟା | ମାନଦଣ୍ଡ | ପୂର୍ଣ ନମ୍ବର | ଆବଶ୍ୟକୀୟ ଦଲିଲ | ପ୍ରାପ୍ତ ନମ୍ବର |
|---|---|---|---|---|
| 1 | **PM SVANidhi ରେ ପଞ୍ଜୀକରଣ ତାରିଖ** | | LOR ବା SRN ର ନକଲ | |
| | ତିନି ବର୍ଷରୁ ଅଧିକ(7.5 + 7.5+ 7.5 + 7.5) | 7.5 | | |
| | ଦୁଇ ବର୍ଷରୁ ଅଧିକ(7.5 + 7.5+ 7.5 ) | 7.5 | | |
| | ଏକ ବର୍ଷରୁ ଅଧିକ(7.5 + 7.5 ) | 7.5 | | |
| | ଏକ ବର୍ଷ ମଧ୍ୟରେ( 7.5 ) | 7.5 | | |
| 2 | **PM SVANidhi ସେ ସମୃଦ୍ଧି** | | | |
| | PM ସୁରକ୍ଷା ବୀମା ଯୋଜନା | 5 | ପ୍ରମାଣପତ୍ର/ବଣ୍ଡ/ପାସ୍ ବୁକ୍ | |
| | PM ଜୀବନ ଜ୍ୟୋତି ବୀମା ଯୋଜନା | 5 | | |
| | PM ଶ୍ରମ ଯୋଗୀ ମାନଧନ ଯୋଜନା | 5 | | |
| | PM ଜନ ଧନ ଯୋଜନା ଖାତା/ସାଧାରଣ ବ୍ୟାଙ୍କ ଖାତା | 5 | | |
| | ଏକ ଦେଶ ଏକ ରାସନ କାର୍ଡ (ପ୍ରାପ୍ତି ସ୍ୱୀକୃତି/ଆବେଦନ ଦଲିଲ) | 5 | | |
| | ଅସଂଗଠିତ ଶ୍ରମିକ କାର୍ଡ ଅଧୀନରେ ପଞ୍ଜୀକରଣ | 5 | | |
| 3 | **PM SVANidhi ଋଣ** | | | |
| | 1ମ କିସ୍ତି(7.5 ) | 7.5 | ଋଣ ବିବରଣୀର ନକଲ | |
| | 2ୟ କିସ୍ତି(7.5 + 7.5 ) | 7.5 | | |
| | 3ୟ କିସ୍ତି(7.5 + 7.5+ 7.5 ) | 7.5 | | |
| | କ୍ରେଡିଟ୍ କାର୍ଡ/ଆବେଦନ ପ୍ରାପ୍ତି ରସିଦ(7.5) | 7.5 | | |
| 4 | **ଆର୍ଥିକ ଆଚରଣ** | | | |
| | ଋଣର ନିୟମିତ ପରିଶୋଧ | 10 | ଋଣ ବିବରଣୀର ନକଲ | |

**ଭେଣ୍ଡିଂ ଜୋନ୍ ଦୋକାନ ଚୟନ ପାଇଁ ନିୟମ ଓ ସର୍ତ୍ତାବଳୀଦଲିଲ ଆବଶ୍ୟକତା:**

- **ମୂଲ୍ୟାଙ୍କନ ସିଟ୍ ଅନୁସାରେ ଯଦି କୌଣସି ଦଲିଲ ନଥାଏ, ତେବେ ଆବେଦନଟି ନାକଚ କରାଯିବ।**
- **ବିକ୍ରେତା ଚୟନ: ମୂଲ୍ୟାଙ୍କନରେ ପ୍ରାପ୍ତ ନମ୍ବର ଆଧାରରେ ବିକ୍ରେତାମାନଙ୍କର ପ୍ରାଥମିକତା ଚୟନ ତାଲିକା ପ୍ରସ୍ତୁତ କରାଯିବ।**
- **ପ୍ରାଥମିକତା ତାଲିକାର ବୈଧତା: ପ୍ରାଥମିକତା ତାଲିକା ଜାରି ହେବା ତାରିଖଠାରୁ ପରବର୍ତ୍ତୀ 3 ବର୍ଷ ପାଇଁ ବୈଧ ରହିବ।**
- **ସ୍ୱୟଂଚାଳିତ ବିଲୋପ: ଏହି ଅବଧି ମଧ୍ୟରେ ଯଦି କୌଣସି ବିକ୍ରେତାଙ୍କୁ କୌଣସି ସ୍ଥାନରେ ଭେଣ୍ଡିଂ ଦୋକାନ/ସ୍ଟଲ୍ ଆବଣ୍ଟିତ ହୁଏ, ତେବେ ସେହି ବିକ୍ରେତାଙ୍କ ନାମ ଏହି ତାଲିକାରୁ ସ୍ୱୟଂଚାଳିତ ଭାବେ ହଟାଇ ଦିଆଯିବ।**